# NATIONAL NEWS BULLETIN (ODIA)
## 6 December - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଭାବବିନିମୟ କଲେ ରାଷ୍ଟ୍ରପତି ।
- ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍ତର ପୂର୍ବାଞ୍ଚଳରେ ଅନେକ ସମ୍ଭବନା ରହିଛି କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଲା ପ୍ରଥମ ପ୍ରାକ୍ ବଜେଟ୍ ପ୍ରସ୍ତୁତ ପରାମର୍ଶ ବୈଠକ ।
- **ଡାଇରେକ୍ଟ ଟୁ ମୋବାଇଲ୍ ଡିଟୁଏମ୍** ପ୍ରସାରଣ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରସାର ଭାରତୀ ଓ ଆଇ.ଆଇ.ଟି. କାନପୁର ମଧ୍ୟରେ ସ୍ୱାକ୍ଷରିତ ହୋଇଛି ବୁଝାମଣାପତ୍ର, ରାଜ୍ୟସଭାରେ ଉତ୍ତରରଖିଲେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ।

ଏବଂ

- ସାରଜା ଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆକପ୍ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରି ଫାଇନାଲ୍‌ରେ ଭାରତ ।

## ରାଷ୍ଟ୍ରପତି-ଓଡ଼ିଶା

ଦେଶରେ ବର୍ତ୍ତମାନ ମହିଳାଙ୍କ ନେତୃତ୍ୱରେ ବିକାଶକୁ ଗୁରୁତ୍ୱ ଦିଆଯାଉଛି । ମହିଳାଙ୍କ ବିକାଶ ହେଲେ ଦେଶର ବିକାଶ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ସହ ଭାବବିନିମୟ କରି କହିଛନ୍ତି, ବର୍ତ୍ତମାନ ବିଜ୍ଞାନର ଯୁଗ । ମହିଳାମାନେ ଚନ୍ଦ୍ରପୃଷ୍ଠରେ ପହଞ୍ଚି ପାରିଛନ୍ତି । ମହିଳାଙ୍କ ପରିବର୍ତ୍ତନରେ ଦେଶ ଓ ସମାଜରେ ସକାରାତ୍ମକ ପରିବର୍ତ୍ତନ ହୁଏ ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଛାତ୍ରୀମାନଙ୍କୁ ବିଜ୍ଞାନରେ ଅଧିକ ରୁଚି ବଢ଼ାଇବାପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ମହିଳାମାନେ ନିଜେ ସକ୍ଷମ ହେବା ସହ ଦେଶର ବିକାଶପାଇଁ ସଙ୍କଳ୍ପ ନେବାର ଆବଶ୍ୟକତା ରହିଛି ।

ରାଷ୍ଟ୍ରପତି ଆଜି ସକାଳେ ଉପରବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଭାବବିନିମୟ କରିଥିଲେ । ସେ ଆସନ୍ତାକାଲି ମୟୂରଭଞ୍ଜରେ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍,

ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ପ୍ରଧାନମନ୍ତ୍ରୀ-ଅଷ୍ଟଲକ୍ଷ୍ମୀ

ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍ତର ପୂର୍ବାଞ୍ଚଳରେ ଅନେକ ସମ୍ଭାବନା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଅଷ୍ଟଲକ୍ଷ୍ମୀ ମହୋତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଅଗରତାଲା, ଗୌହାଟୀ, ଗ୍ୟାଙ୍ଗଟକ୍, ଆଇଜଲ, ଶିଲଙ୍ଗ, ଇଟାନଗର ଏବଂ କୋହିମା ଭଳି ଉତ୍ତର-ପୂର୍ବର ଅନେକ ସହରରେ ବିପୁଳ ସମ୍ଭାବନା ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଅଷ୍ଟଲକ୍ଷ୍ମୀ ମହୋତ୍ସବର ମହତ୍ତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ହେଉଛି ପ୍ରଥମ ଏବଂ ଅନନ୍ୟ କାର୍ଯ୍ୟକ୍ରମ, ଯାହା ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକରେ ବିପୁଳ ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି କରିପାରିବ । ଉତ୍ତର-ପୂର୍ବ ରାଜ୍ୟ ଗୁଡ଼ିକର କୃଷକ, କାରିଗର ତଥା ସମଗ୍ର ବିଶ୍ୱର ନିବେଶକଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ବୋଲି ସେ କହିଛନ୍ତି । ସରକାର ଉତ୍ତର ପୂର୍ବାଞ୍ଚଳକୁ ଭାବନା, ଅର୍ଥନୀତି ଏବଂ ପରିବେଶର ତ୍ରିମୂର୍ତ୍ତି ସହିତ ସଂଯୋଗ କରୁଛନ୍ତି । ଏହି

ଅଷ୍ଟଲକ୍ଷ୍ମୀ ମହୋତ୍ସବ ହେଉଛି – ଉତ୍ତର ପୂର୍ବାଞ୍ଚଳର ଉଜ୍ଜ୍ୱଳ ଭବିଷ୍ୟତର ଉତ୍ସବ ଏବଂ ବିକାଶର ଏକ ନୂତନ ସକାଳର ପର୍ବ, ଯାହା ଏକ ବିକଶିତ ଭାରତର ଅଭିଯାନକୁ ପ୍ରୋତ୍ସାହିତ କରୁଛି । ଏହି କାର୍ଯ୍ୟକ୍ରମ ପୂର୍ବରୁ ଉତ୍ତର-ପୂର୍ବ ରାଜ୍ୟର ପିଲାମାନେ ପ୍ରଧାନମନ୍ତ୍ରୀଙ୍କୁ ଅଷ୍ଟଲକ୍ଷ୍ମୀ ତଥା ପିପଲ ଗଛର ଚାରା ପ୍ରଦାନ କରିଥିଲେ । ତିନି ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଉତ୍ତର-ପୂର୍ବ ଭାରତର ବିଶାଳ ସାଂସ୍କୃତିକ ପରମ୍ପରା ଉପରେ ଆଲୋକପାତ କରାଯିବା ସହ ପାରମ୍ପରିକ କଳା, ହସ୍ତଶିଳ୍ପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ । ଏଥିରେ ବୟନ ଶିଳ୍ପ, କାରିଗରୀ ହସ୍ତଶିଳ୍ପ, ପର୍ଯ୍ୟଟନ ସୁଯୋଗ ଏବଂ ଉତ୍ତର-ପୂର୍ବାଞ୍ଚଳର ୮ଟି ରାଜ୍ୟର ଅନନ୍ୟ ଉତ୍ପାଦ ଦ୍ରବ୍ୟ ପ୍ରଦର୍ଶନ କରାଯାଉଛି । ସେଠାରେ ମଧ୍ୟ ଗ୍ରାମୀଣ ହାଟ, ବଜାର ଆୟୋଜନ କରାଯାଇ କୃଷକ ଏବଂ କାରିଗରଙ୍କ ଉତ୍ପାଦିତ ଦ୍ରବ୍ୟ ଏବଂ କଳା ପ୍ରଦର୍ଶନ କରାଯାଉଛି । ଏଥିରେ ୨୫୦ରୁ ଅଧିକ କାରିଗର, ୩୪ଟି ଜିଆଇ ଟ୍ୟାଗ୍ ସାମଗ୍ରୀ ସମେତ ହସ୍ତତନ୍ତ ଓ ବୟନଶିଳ୍ପ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି ।

## ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଥମ ପ୍ରାକ୍ ବଜେଟ୍ ପ୍ରସ୍ତୁତ ପରାମର୍ଶ ବୈଠକର ନୂଆଦିଲ୍ଲୀ ଠାରେ ଅଧ୍ୟକ୍ଷତା କରିଛନ୍ତି । ଏହି

ବୈଠକରେ ଆଗାମୀ କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତି ସମ୍ପର୍କରେ ବିଶିଷ୍ଟ ଅର୍ଥନୀତିଜ୍ଞମାନଙ୍କ ସହ ଶ୍ରୀମତୀ ସୀତାରମଣ ବିଚାର ବିମର୍ଶ କରିଛନ୍ତି । ଏଥିରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥ ସଚିବ ଏବଂ ମୁଖ୍ୟ ଅର୍ଥନୀତି ପରାମର୍ଶଦାତା ଯୋଗ ଦେଇଥିଲେ ।

## ପ୍ରସାରଭାରତୀ

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କହିଛନ୍ତି, ପ୍ରସାରଣ କ୍ଷେତ୍ରରେ ନୂତନ ଜ୍ଞାନକୌଶଳକୁ ଉପଯୋଗ କରି ସମୟ ସମୟରେ ନୂତନ ନୀତି ନିର୍ଦ୍ଧାରଣ କରିବା ପାଇଁ ତାଙ୍କ ମନ୍ତ୍ରଣାଳୟ ସମର୍ଥନ ଓ ପ୍ରୋତ୍ସାହନ ଦେଇ ଆସୁଛି । ପ୍ରସାର ଭାରତୀ ନିରବଚ୍ଛିନ୍ନ ଭାବେ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ନେଟ୍‌ୱାର୍କ ଗୁଡ଼ିକୁ ଆଧୁନିକ ଜ୍ଞାନକୌଶଳକୁ ଉପଯୋଗ କରି ଡିଜିଟାଇଲାଇଜେସନ୍ ପଦ୍ଧତିକୁ ଅନୁସରଣ କରୁଛି । ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଆଇ.ଆଇ.ଟି. କାନପୁର ସହିତ ପ୍ରସାରଭାରତୀ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରି **ଡାଇରେକ୍ଟ ଟୁ ମୋବାଇଲ୍ ଡିଟୁଏମ୍** ପ୍ରସାରଣ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛି । **ଡିଟୁଏମ୍** ପ୍ରସାରଣ ଏକ ନୂତନ କୌଶଳ, ଯାହା  ସିଧାସଳଖ ଭାବେ ସମସ୍ତ କାର୍ଯ୍ୟକ୍ରମକୁ ଭିଡ଼ିଓ, ଅଡିଓ ଏବଂ ଡାଟା ମାଧ୍ୟମରେ ମୋବାଇଲ୍‌ଫୋନ୍

ଏବଂ ସ୍ମାର୍ଟ୍ ଡିଭାଇସ୍‌କୁ ସିମ୍ ନ ଥାଇ ମଧ୍ୟ ଯୋଗାଇଦେବ । ଏହାଦ୍ୱାରା ଆଞ୍ଚଳିକ ପ୍ରସାରଣ ଭିତ୍ତିଭୂମି ମଜବୁତ ହେବ ବୋଲି ମନ୍ତ୍ରୀ କହିଛନ୍ତି । **ଡିଟୁଏମ୍** ନେଟ୍‌ୱର୍କ ଦ୍ୱାରା ବିନା ମୂଲ୍ୟରେ କିମ୍ବା ଅତି ଅଳ୍ପ ଖର୍ଚ୍ଚରେ ଶ୍ରୋତାମାନେ ସୂଚନା, ଶିକ୍ଷା ଏବଂ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଗୁଡ଼ିକୁ ଉପଭୋଗ କରିପାରିବେ । ଡିଜିଟାଲ୍ ରେଡିଓ ପ୍ରସାରଣ ମଧ୍ୟ ଖୁବ୍ କମ୍ ଖର୍ଚ୍ଚରେ ନୂତନ ଗଣମାଧ୍ୟମ  କୌଶଳ ଭାବେ ଏକକ ରେଡିଓ ଫ୍ରେକ୍ୱେନ୍ସି ମାଧ୍ୟମରେ ବିଭିନ୍ନ ଚ୍ୟାନେଲ୍ ଗୁଡ଼ିକରେ ପ୍ରସାରଣ କରାଯାଇପାରିବ ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତୀୟ ସାଙ୍କେତିକ ଭାଷା ପାଇଁ ପି.ଏମ୍. ଇ-ବିଦ୍ୟା ଡି.ଟି.ଏଚ୍. ଚ୍ୟାନେଲ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ପି.ଏମ୍. ଇ-ବିଦ୍ୟା ଶ୍ରବଣବାଧିତ ସମ୍ପ୍ରଦାୟକୁ ଶିକ୍ଷା କ୍ଷେତ୍ରରେ ସହାୟତା ପ୍ରଦାନ କରିବା ସହ ଚ୍ୟାନେଲ୍‌ରେ ଥିବା ବ୍ୟାପକ ଡିଜିଟାଲ୍ ପାଠ୍ୟକ୍ରମ, ଦକ୍ଷତା ପ୍ରଶିକ୍ଷଣ, ମାନସିକ ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମ୍ବଳ ମାଧ୍ୟମରେ ଶ୍ରବଣବାଧିତଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ସହାୟକ ହେବ । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ସମାବେଶୀ ଶୈକ୍ଷିକ ବାତାବରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ

ସାଙ୍କେତିକ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଉପସ୍ଥିତ ଥିଲେ ।

## ଅଶ୍ୱିନୀ ବୈଷ୍ଣବ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ଅପରାହ୍ଣରେ ଓଡ଼ିଶାର ବାଲେଶ୍ୱର ରେଳଷ୍ଟେସନ୍‌ରେ ନବନିର୍ମିତ ଫୁଟ୍ ଓଭରବ୍ରିଜ୍‌ର ଉଦ୍‌ଘାଟନ କରିବେ । ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କଟକ ରେଳଷ୍ଟେସନ୍‌ର ଦ୍ୱିତୀୟ ପ୍ରବେଶ ପଥର ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଆର୍‌ଏସ୍-ସିଂଘଭି

ରାଜ୍ୟସଭାରେ କଂଗ୍ରେସ ସାଂସଦ ଅଭିଶେକ ମନୁ ସିଂଘଭିଙ୍କ ବସିବା ସ୍ଥାନରୁ ଟଙ୍କା ବଣ୍ଡଲ ଉଦ୍ଧାର ହେବା ମାମଲାରେ ବିଜେପି କଂଗ୍ରେସକୁ ସମାଲୋଚନା କରିଛି । ଗଣମାଧ୍ୟମକୁ ସୂଚନା ଦେଇ ଦଳୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦ୍ୱୀ କହିଛନ୍ତି, କଂଗ୍ରେସ ନେତାମାନଙ୍କ ପାଖରେ ଏତେମାତ୍ରାରେ ଅର୍ଥ ଅଛି ଯେ ସେମାନେ ତାକୁ କେଉଁଠାରେ ରଖୁଛନ୍ତି ତାର ହିସାବ ପାଉନାହାନ୍ତି । ସେ କହିଛନ୍ତି, ଏ ପର୍ଯ୍ୟନ୍ତ କୌଣସି ନେତା

ଉଦ୍ଧାର ଟଙ୍କାର ମାଲିକାନା ଦାବି କରିନାହାନ୍ତି, ସେଥିପାଇଁ ଏହି ଟଙ୍କାର ସୂତ୍ରଧାର କିଏ ତାହା ସନ୍ଦେହ ବଢ଼ାଇଛି । ତ୍ରିବେଦ୍ୱୀ କହିଛନ୍ତି, ଗୃହରେ କଂଗ୍ରେସ ସର୍ବଦା ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିଥାଏ । ତେବେ ଏ ପ୍ରସଙ୍ଗରେ ଦଳ ଚୁପ୍ ରହିଛି । ଅପର ପକ୍ଷରେ ଶ୍ରୀ ସିଂଘଭି କହିଛନ୍ତି, ଗୃହକୁ ସେ କେବଳ ୫୦୦ ଟଙ୍କା ନୋଟ୍‌ଟି ଧରି ଆସିଥିଲେ । ଗୃହରେ ଗତକାଲି ଅପରାହ୍ଣ ୧୨ଟା ୫୭ରେ ସେ ପ୍ରବେଶ କରିଥିଲେ ଏବଂ ଗୃହ କାର୍ଯ୍ୟ ଗୋଟାଏ ବେଳେ ଆରମ୍ଭ ହୋଇଥିଲା । ପରେ ଗୋଟାଏ ୩୦ରେ ସେ ସାଂସଦ ବନ୍ଧୁ ଅଯୋଧ୍ୟା ରାମି ରେଡ୍ଡୀଙ୍କ ସହ କ୍ୟାଣ୍ଟିନ୍‌ରେ ବସିଥିଲେ ଏବଂ ଗୃହରୁ ପଳାଇ ଆସିଥିଲେ । ରାଜ୍ୟସଭାରେ ସେ ମାତ୍ର ତିନି ମିନିଟ୍ ହିଁ ବସିଥିଲେ ବୋଲି ଗଣମାଧ୍ୟମକୁ କହିଛନ୍ତି ।

## ୟୁପି-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୮ ଜଣ ଗୁରୁତର ଆହତ ହୋଇଛନ୍ତି । କନ୍ନୌଜ ଜିଲ୍ଲାର ସାକରାୱା ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଏକ ଯାତ୍ରୀବାହୀ ବସ୍ ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ଧକ୍କା ଦେଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା । ଆହତମାନଙ୍କୁ

ସାଇଫାଇ ମେଡିକାଲ୍ କଲେଜ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ରାଜ୍ୟ ଜଳଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂହ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉତ୍ତମ ଚିକିତ୍ସା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଅଣ୍ଡର ନାଇଣ୍ଟିନ୍ ଏସିଆକପ୍

ସାରଜା ଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଫାଇନାଲ୍‌ରେ ପ୍ରବେଶ କରିଛି । ଆଜି ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭାରତ ୭ ୱିକେଟ୍ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି । ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୭୩ରନ୍‌ର ଲକ୍ଷ୍ୟକୁ ପିଛା କରି ଭାରତ ମାତ୍ର ୨୧ ଓଭର ୪ଟି ବଲ୍‌ରେ ୧୭୫ରନ୍ କରି ବିଜୟ ହାସଲ କରିଛି ।

ଦୁବାଇ ଠାରେ ଅନୁଷ୍ଠିତ ଅନ୍ୟ ଏକ ସେମିଫାଇନାଲ୍‌ରେ ବାଂଲାଦେଶ ପାକିସ୍ତାନକୁ ୭ ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି ।

# କ୍ରିକେଟ୍-ଟେଷ୍ଟ

ଆଡିଲେଡ୍‌ର ଓଭାଲ ଠାରେ ଚାଲିଥିବା ବର୍ଡର ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଅଷ୍ଟ୍ରେଲିଆ  ଗୋଟିଏ ୱିକେଟ୍ ହରାଇ ୮୬ରନ୍ କରିଛି । ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ୩୮ ଏବଂ ମାର୍‌ନୁସ୍ ୨୦ରନ୍ କରି କ୍ରିଜ୍‌ରେ ଥିଲେ । ଭାରତର ପ୍ରଥମ ଇନିଂସର ୧୮୦ରନ୍‌ର ଜବାବରେ ଅଷ୍ଟ୍ରେଲିଆ ୯୪ରନ୍ ପଛରେ ରହିଛି ।

ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ୍ ୬ ୱିକେଟ୍ ହାସଲ କରି ଭାରତକୁ ୧୮୦ରନ୍‌ରେ ଅଲ୍‌ଆଉଟ୍ କରିବାକୁ ସକ୍ଷମ ହୋଇଥିଲେ । ଭାରତର ନୀତିଶ କୁମାର ରେଡ୍ଡୀ ସର୍ବାଧିକ ୪୨ରନ୍ କରିଥିଲେ । ତେବେ ପର୍ଥ ଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୨୯୫ରନ୍‌ରେ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।